## ଜାତୀୟ ଗୋ-ମହିଷାଦି ପ୍ରଜନନ ଯୋଜନାର ସଫଳ ରୂପାୟନ ପାଇଁ ପଶୁ ସଂପଦ ବିକାଶ ବିଭାଗର ଯୋଜନା ଭିତ୍ତିକ ଦୁଇଦିନିଆ କର୍ମଶାଳା

### (Planning Workshop on breeding activities of Cattle & Buffalo)




ଭୁବନେଶ୍ୱର ହୋଟେଲ ମାରିଅନ୍ (The Marrion) ଠାରେ ରାଜ୍ୟର ୩୦ ଗୋଟି ଜିଲ୍ଲାର ମୁଖ୍ୟ ଜିଲ୍ଲା ପଶୁଚିକିତ୍ସା ଅଧିକାରୀମାନଙ୍କୁ ନେଇ ରାଜ୍ୟରେ ଜାତୀୟ ଗୋ-ମହିଷାଦି ପ୍ରଜନନ ଯୋଜନାର ସଫଳତା ପାଇଁ ଏକ ଯୋଜନାଭିତ୍ତିକ ପ୍ରଜନନ ସମ୍ବନ୍ଧୀୟ ଦୁଇଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ କର୍ମଶାଳାର ପ୍ରାରମ୍ଭରେ ପଶୁସଂପଦ ବିକାଶ ବିଭାଗର କମିଶନର ତଥା ସଚିବ ଶ୍ରୀଯୁକ୍ତ ସି.କେ. ବେଣୁଗୋପାଳ, ମୁଖ୍ୟ ଅତିଥି ଭାବେ, ବିଭାଗୀୟ ନିର୍ଦ୍ଦେଶକ ଶ୍ରୀ ବିଜୟ କୁମାର ଧଳ, ଇଣ୍ଡୋସୁଇସ୍ ପ୍ରକଳ୍ପର କୋଅର୍ଡ଼ିନେଟର୍ ଡାଃ କର୍ଣ୍ଣେଲ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଆରମ୍ଭରେ ଯୁଗ୍ମ ନିର୍ଦ୍ଦେଶକ ଡାଃ. ସତ୍ୟ ନାରାୟଣ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ । କର୍ମଶାଳା ଆରମ୍ଭରେ ଅତିଥିମାନଙ୍କୁ ସୂଚନା ଅଧିକାରୀ ଡାଃ. ବୀର କିଶୋର ପରିଡ଼ା, ଡାଃ. ରାଜୀବ ଶର୍ମା ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ ।

ପଶୁ ଚିକିତ୍ସା ଓ ପଶୁପାଳନ ବିଭାଗର ନିର୍ଦ୍ଦେଶକ ଶ୍ରୀ ବିଜୟ କୁମାର ଧଳ କହିଥିଲେ ଯେ- ରାଜ୍ୟର ସମସ୍ତ ପଶୁ ଚିକିତ୍ସକ, ପଶୁଧନ ନିରୀକ୍ଷକ ଏବଂ ଗୋପାଳକ, ଚାଷୀ ଭାଇଭଉଣୀମାନଙ୍କ ମାଧ୍ୟମରେ ବ୍ୟାପକ ଜନସଚେତନତା ସୃଷ୍ଟିର ଆବଶ୍ୟକତା ରହିଥିବାରୁ ରାଜ୍ୟରେ ପ୍ରତିବର୍ଷ ୧ ହଜାରରୁ ଉର୍ଦ୍ଧ୍ୱ ଚାଷୀମାନଙ୍କୁ ପ୍ରଶିକ୍ଷଣ ମାଧ୍ୟମରେ ନୂତନ ବୈଷୟିକ ଜ୍ଞାନ କୌଶଳ ଯୋଗାଇ ଦିଆଯିବ ବୋଲି କହିଥିଲେ ଏବଂ ୨୦୦୯-୧୦ ବର୍ଷ ସୁଦ୍ଧା ରାଜ୍ୟରେ ଥିବା ସମସ୍ତ ପ୍ରଜନନକ୍ଷମ ଗାଈ ବା ଛତ୍ରା ମଧ୍ୟରେ ଶତକଡ଼ା ୩୬ ଭାଗକୁ କୃତ୍ରିମ ପ୍ରଜନନ ପରିସର ମଧ୍ୟକୁ ଅଣାଯାଇ ୨୦ ଲକ୍ଷ ଗାଈ ବା ଛତ୍ରାକୁ କୃତ୍ରିମ ପ୍ରଜନନ କରାଯାଇ ୮ ଲକ୍ଷ ବାଛୁରୀ ଉତ୍ପନ୍ନ କରାଯାଇ ପାରିବ ବୋଲି ପ୍ରକାଶ କରିଥିଲେ । ପଶୁ ସମ୍ପଦ ବିଭାଗର କମିଶନର ଶ୍ରୀଯୁକ୍ତ ସି.କେ. ବେଣୁଗୋପାଳ ତାଙ୍କ ଭାଷଣ ପ୍ରସଙ୍ଗରେ କହିଲେ - ରାଜ୍ୟର ବିକାଶ ପଥରେ କେବଳ ପଶୁପାଳନ ହିଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ଭୂମିହୀନ ଚାଷୀମାନଙ୍କର ଆର୍ଥିକ ଅଭିବୃଦ୍ଧିରେ ପଶୁ ପାଳନ ହିଁ କେବଳ ସାହା ଭରସା । କେରଳ ଭଳି ରାଜ୍ୟରେ ପ୍ରଜନନକ୍ଷମ ଗାଈକୁ ୧୦୦% କୃତ୍ରିମ ପ୍ରଜନନ ପରିସରଭୁକ୍ତ କରାଯାଇ ପାରୁଥିବା ବେଳେ, ଗୁଜୁରାଟ ଓ ମହାରାଷ୍ଟ୍ରରେ ୮୦-୯୦%, ଝାଡ଼ଖଣ୍ଡ ଓ ବିହାରରେ ୨୦-୨୫% କୃତ୍ରିମ ପ୍ରଜନନ କରାଯାଇ ପାରୁଛି । ଆମ ରାଜ୍ୟରେ ପ୍ରାକୃତିକ ସଂପଦ ଭରା ପରିପୂର୍ଣ୍ଣ ରାଜ୍ୟ ହେଲେ ମଧ୍ୟ ଓଡ଼ିଶାକୁ ପଶୁପାଳନ କାର୍ଯ୍ୟକ୍ରମରେ ମଣିପୁର, ତ୍ରିପୁରା, ଆସାମ ଭଳି ରାଜ୍ୟ ସହିତ ତୁଳନା ହେଉଛି । ତେଣୁ ପ୍ରତ୍ୟେକ ସ୍ତରରେ ଯୋଜନା, ଗ୍ରହଣୀୟତା, ଆବଶ୍ୟକତାର ଉପଲବ୍ଧ ଦ୍ରବ୍ୟ ବା ଉପକରଣ ଯୋଗାଣ ଏବଂ ଉତ୍ସର୍ଗୀକୃତ ସେବା ଉପରେ ଗୁରୁତ୍ୱାରୋପ କରିଥିଲେ । ସଭାଶେଷରେ ହିମିକୃତ ଶୁକ୍ର ଭଣ୍ଡାର, କଟକରେ ଉପନିର୍ଦ୍ଦେଶକ ଡାଃ. ପ୍ରଭାତ କୁମାର ରଥ ଧନ୍ୟବାଦ ଅର୍ପଣ କରିଥିଲେ । କର୍ମଶାଳାର ସଂଯୋଜକ ଭାବେ ଡାଃ. ରମାକାନ୍ତ ମହାପାତ୍ର ପରିଚାଳନା କରିଥିଲେ । ଜାତୀୟ ଗୋ-ପ୍ରଜନନ ଯୋଜନାର ଭାରପ୍ରାପ୍ତ ଅଧିକାରୀ ଡାଃ ପି.କେ. ସାହୁ, ଡାଃ କେ.ଏଲ୍. ରାବୁଙ୍କ ସମେତ ରାଜ୍ୟର ୩୦ଗୋଟି ଜିଲ୍ଲାର ମୁଖ୍ୟ ଜିଲ୍ଲା ପଶୁ ଚିକିତ୍ସା ଅଧକାରୀମାନେ ଯୋଗ ଦେଇଥିଲେ ।

ଏହି କର୍ମଶାଳାରେ ପ୍ରତ୍ୟେକ ଜିଲ୍ଲାର ଏହି ଯୋଜନାର କାର୍ଯ୍ୟକାରିତା ଉପରେ ପୁଙ୍ଖାନୁପୁଙ୍ଖଭାବେ ଆଲୋଚନା କରାଯାଇ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା ଏବଂ ଏଥି ସହାଶେ ଦୃଢ଼ ମନୋବଳ ନେଇ କାର୍ଯ୍ୟ କରିବାକୁ ଆବଶ୍ୟକୀୟ ପରାମର୍ଶ ଦିଆଯାଇଥିଲା । କର୍ମଶାଳାର ଉଦ୍‌ଯାପନ ଉତ୍ସବରେ ଡେଭେଲପମେଣ୍ଟ କମିଶନର ଶ୍ରୀଯୁକ୍ତ ଅଜିତ୍ କୁମାର ତ୍ରିପାଠୀ ଯୋଗ ଦେଇଥିଲେ ।

## କୋରାପୁଟର ସେମିଳିଗୁଡ଼ାଠାରେ ମତ୍ସ୍ୟ ଓ ପଶୁ ସଂପଦ ବିକାଶ ମନ୍ତ୍ରୀ ଶ୍ରୀ ଗୋଲକ ବିହାରୀ ନାଏକଙ୍କ ଦ୍ୱାରା କୁକ୍କୁଟ ପ୍ରଜନନ ଫାର୍ମ ଉଦ୍‌ଘାଟିତ



ତା ୧୯।୭।୦୪ରିଖ ଦିନ କେନ୍ଦ୍ରୀୟ କୁକ୍କୁଟ ସୁଦୃଢ଼ୀକରଣ ଯୋଜନାରେ କୋରାପୁଟର ସେମିଳିଗୁଡ଼ାଠାରେ କୁକ୍କୁଟ ପ୍ରଜନନ ଫାର୍ମ, ମତ୍ସ୍ୟ ଓ ପଶୁ ସଂପଦ ବିକାଶ ମନ୍ତ୍ରୀ ଶ୍ରୀ ଗୋଲକ ବିହାରି ନାଏକ, ନିର୍ଦ୍ଦେଶକ ଶ୍ରୀ ବିଜୟ କୁମାର ଧଳ, ଏବଂ କୋରାପୁଟ ଜିଲ୍ଲା ପରିଷଦର ଅଧ୍ୟକ୍ଷାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । କେ.ବି.କେ. ଜିଲ୍ଲାରେ ଅନ୍ତର୍ଭୁକ୍ତ କୋରାପୁଟ, ମାଲକାନାଗିରି, ନବରଙ୍ଗପୁର, ରାୟଗଡ଼ା, କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ଅଂଚଳର ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଉଦ୍ଦିଷ୍ଟ ଏହି କୁକୁଡ଼ା ଫାର୍ମରୁ ଉନ୍ନତମାନର କୁକୁଡ଼ା ଚିଆଁ, ଘର ଅଗଣାରେ କୁକୁଡ଼ା ଚାଷ ପାଇଁ ପ୍ରୋତ୍ସାହନ ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ ଶ୍ରୀ ନାଏକ ପ୍ରକାଶ କରିଥିଲେ । ଘର ଅଗଣାରେ କୁକୁଡ଼ା ଚାଷ ଦ୍ୱାରା କେ.ବି.କେ. ଜିଲ୍ଲାରେ କୁକୁଡ଼ା ମାଂସ ଓ ଅଣ୍ଡାର ଚାହିଦା ମେଣ୍ଟାଇବା ସଂଗେ ସଂଗେ ଜିଲ୍ଲାରୁ ପୁଷ୍ଟିହୀନତା ଦୂର ହେବା ସହିତ ଗରିବ ଲୋକଙ୍କ ଆର୍ଥିକ ବିକାଶ ଘଟାଇବାରେ ବିଶେଷ ସହାୟକ ହୋଇପାରିବ ବୋଲି ସେ କହିଥିଲେ । ଏହି ଫାର୍ମରୁ ବାର୍ଷିକ ୩ଲକ୍ଷ କୁକୁଡ଼ା ଚିଆଁ ଉତ୍ପାଦନ ହେବାର ଲକ୍ଷ୍ୟ ଧାର୍ଯ୍ୟ ରଖାଯାଇଛି । ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ କୋରାପୁଟର ମୁଖ୍ୟ ଜିଲ୍ଲା ପଶୁ ଚିକିତ୍ସା ଅଧିକାରୀ ଡାଃ. କୃଷ୍ଣ ପ୍ରସାଦ ପାତ୍ର, ଉପଖଣ୍ଡ ଜିଲ୍ଲା ପଶୁ ଚିକିତ୍ସା ଅଧିକାରୀ ଡାଃ. ଶାନ୍ତନୁ କୁମାର ଟାକିରି, କୋରାପୁଟ ଜିଲ୍ଲା ପରିଷଦର ଅଧକ୍ଷା ଶ୍ରୀମତୀ ଚନ୍ଦ୍ରମା ସାଆନ୍ତା, ଉପନିର୍ଦ୍ଦେଶକ (କୁକ୍କୁଟ ବିକାଶ) ଡାଃ. ଲକ୍ଷ୍ମଣ ବେହେରା, ସୂଚନା ଅଧିକାରୀ ଡାଃ ବୀର କିଶୋର ପରିଡ଼ା ଏବଂ ଅନୁଗୁଳ କୁକୁଡ଼ା ଫାର୍ମର ଭାରପ୍ରାପ୍ତ ଅଧିକାରୀ ଡାଃ. ସମରେନ୍ଦ୍ର ମହାନ୍ତି ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜାତୀୟ ଗୋ-ପ୍ରଜନନ ଯୋଜନାର ଭାରପ୍ରାପ୍ତ ଅଧିକାରୀ ଡାଃ ପ୍ରତାପ କୁମାର ସାହୁ, ଆସିଷ୍ଟାଣ୍ଟ ଇଞ୍ଜିନିୟର ଶ୍ରୀ ତାପସ ରଞ୍ଜନ ମହାନ୍ତି, ସେମିଳିଗୁଡ଼ା ବି.ଡି.ଓ. ଶ୍ରୀ ତ୍ରୈଲୋଚନ ପ୍ରଧାନ, କୋରାପୁଟ-ପଞ୍ଚବଟୀ ଗ୍ରାମ୍ୟ ବ୍ୟାଙ୍କର ମ୍ୟାନେଜର ଶ୍ରୀ ସନ୍ତୋଷ ଚନ୍ଦ୍ର ପଣ୍ଡା ମଧ୍ୟ ଯୋଗଦାନ କରିଥିଲେ ।

ଏହି ଉତ୍ସବରେ ଦେଢ଼ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ତଥା ସ୍ୱୟଂସହାୟକା ଗୋଷ୍ଠୀର ମହିଳାମାନେ ଯୋଗଦାନ କରିଥିଲେ ।

ଏହି ଉପଲକ୍ଷେ ଏକ କୁକ୍କୁଟ ପ୍ରଶିକ୍ଷଣ ଶିବିରକୁ ମନ୍ତ୍ରୀ ଶ୍ରୀ ନାଏକ ଉଦ୍‌ଘାଟନ କରିଥିଲେ ।

## ପଶୁ ବୀମା ଯୋଜନା

ଯେ କୌଣସି ଯୋଜନାରେ ପଶୁ ପାଳନ ଯଥା : ଗୋପାଳନ, ଛେଳି ମେଣ୍ଢା ପାଳନ, କୁକୁଡ଼ା ଓ ବତକ ପାଳନ ପାଇଁ ବ୍ୟାଙ୍କ ଋଣ ମଞ୍ଜୁର ହୋଇଗଲେ ତୁରନ୍ତ ନିକଟସ୍ଥ ଅତିରିକ୍ତ ପଶୁ ଚିକିତ୍ସକଙ୍କୁ ଯୋଗାଯୋଗ କରି ଉପରୋକ୍ତ ପଶୁ ମନ ପସନ୍ଦ ମୁତାବକ କ୍ରୟ କରନ୍ତୁ ଏବଂ ସଂଗେ ସଂଗେ ଅତିରିକ୍ତ ପଶୁ ଚିକିତ୍ସକ ଓ ବୀମା କଂପାନୀ କର୍ମଚାରୀଙ୍କ ସହାୟତାରେ ପଶୁ ବୀମା କରାଇ ନିଶ୍ଚିନ୍ତ ହୁଅନ୍ତୁ । ଯଦି କୌଣସି କାରଣ ବଶତଃ ପଶୁ ବା ପକ୍ଷୀଟି ମରିଗଲା ତେବେ ଏହି ମୃତ ପଶୁ ବା ପକ୍ଷୀଟିକୁ ସଂଗେ ସଂଗେ ନ ପୋପାଡ଼ି ସ୍ଥାନୀୟ ଅତିରିକ୍ତ ପଶୁ ଚିକିତ୍ସକ /ପଶୁ ଚିକିତ୍ସକଙ୍କ ଦ୍ୱାରା ଲାସ୍ ମାଇନା ପରୀକ୍ଷା କରାଇ ନିଅନ୍ତୁ । ପଶୁଟିର ଫଟୋ ନିଅନ୍ତୁ । ପଶୁଟିର କାନରେ କିମ୍ବା ପକ୍ଷୀରେ ଲାଗିଥିବା ଟ୍ୟାଗକୁ ଯତ୍ନର ସହ ରଖି ନିଅନ୍ତୁ । ସଂଗେ ସଂଗେ ଋଣ ଆଣିଥିବା ବ୍ୟାଙ୍କରେ ମୃତ ପଶୁଟିର ବୀମା ବାବଦରେ କ୍ଷତିପୂରଣ ପାଇବା ପାଇଁ ଅତିରିକ୍ତ ପଶୁ ଚିକିତ୍ସକଙ୍କ ସାହାଯ୍ୟ ନେଇ ଦରଖାସ୍ତ କରନ୍ତୁ । ଯଦି ପଶୁ ବା ପକ୍ଷୀଟି ମୃତ୍ୟୁ ପରେ କାହାରିକୁ ନ ଦେଖାଇ ବାହାରେ ଫୋପାଡ଼ି ଦିଅନ୍ତି ତେବେ ପଶୁ ବୀମା କରି ମଧ୍ୟ ପଶୁ ବୀମା ବାବଦରେ କ୍ଷତିପୂରଣ ପାଇବାରୁ ବଞ୍ଚିତ ହୁଅନ୍ତି ।

**ଦେଶୀ ଷଣ୍ଢ ସହ ଗାଈକୁ ସଙ୍ଗମ କରାଇ ବିକଳାଙ୍ଗ ବାଛୁରୀ ସୃଷ୍ଟି କରାନ୍ତୁ ନାହିଁ ।**